# REGIONAL NEWS UNIT, AIR CUTTACK

**Morning Bulletin (7.05 AM)**

**26 December – 2025**

## ବୀର ବାଲ୍ ପୁରସ୍କାର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ନୂଆଦିଲ୍ଲୀର ବିଜ୍ଞାନ ଭବନଠାରେ 'ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାର' ପ୍ରଦାନ କରିବେ। ବୀର ବାଲ୍ ଦିବସ ଅବସରରେ ବିଭିନ୍ନ କ୍ଷେତ୍ରରେ ସଫଳତା ପାଇଁ ୧୮ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଂଚଳରୁ ୨୦ ଜଣ ପିଲାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରାଷ୍ଟ୍ରୀୟ ବାଲ୍ପୁରସ୍କାର ପାଇଥିବା ପିଲାମାନଙ୍କ ସହିତ ନୂଆଦିଲ୍ଲୀର ଭାରତ ମଣ୍ଡପମ୍ଠାରେ ଭାବ ବିନିମୟ କରିବେ । ପ୍ରଧାନମନ୍ତ୍ରୀଙ୍କର ସମଗ୍ର ଦେଶର ପିଲାମାନଙ୍କୁ ସମ୍ବୋଧନ ମଧ୍ୟାହ୍ନ ସାଢ଼େ ୧୨ଟାରେ ଦୂରଦର୍ଶନ ସମାଚାର ଚ୍ୟାନେଲରେ ସିଧା ପ୍ରସାରଣ କରାଯିବ ।

ସୂଚନା ଅନୁସାରେ ୨୦୨୨ ମସିହାରେ ପ୍ରଧାନମନ୍ତ୍ରୀ ଗୁରୁ ଗୋବିନ୍ଦ ସିଂହଙ୍କ ପୁତ୍ର ସାହେବଜାଦାମାନଙ୍କୁ ସେମାନଙ୍କ ସାହସ ପାଇଁ ଶ୍ରଦ୍ଧାଞ୍ଜଳି ଦେବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଡିସେମ୍ବର ୨୬ ତାରିଖକୁ ବୀର ବାଲ୍ ଦିବସ ଭାବେ ପାଳନ କରାଯିବା ନେଇ ଘୋଷଣା କରିଥିଲେ ।

# ମୁଖ୍ୟମନ୍ତ୍ରୀ-ଭିତ୍ତିପ୍ରସ୍ତର ସ୍ଥାପନ

ଭୁବନେଶ୍ୱରସ୍ଥିତ ଚନ୍ଦକାଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଗତକାଲି ଏକ ଅତ୍ୟାଧୁନିକ ଆତଙ୍କବାଦ ବିରୋଧୀ ପ୍ରଶିକ୍ଷଣ କେନ୍ଦ୍ର ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ମାଓବାଦୀମାନଙ୍କୁ ଆତ୍ମସମର୍ପଣ କରି ସମାଜର ମୁଖ୍ୟସ୍ରୋତରେ ସାମିଲ ହେବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ କରିଛନ୍ତି । ଏହି ନୂତନ ପ୍ରଶିକ୍ଷଣ କେନ୍ଦ୍ରରେ ୪୦୦ଜଣ ଜବାନଙ୍କୁ ଏକସମୟରେ ପ୍ରଶିକ୍ଷଣ ଦିଆଯାଇପାରିବ । ମୁଖ୍ୟମନ୍ତ୍ରୀ କହିଛନ୍ତି...

**V/O**

# ମୁଖ୍ୟମନ୍ତ୍ରୀ-ଭିତ୍ତିପ୍ରସ୍ତର ସ୍ଥାପନ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଖୋର୍ଦ୍ଧା ମହୋତ୍ସବ ରଜତ ଜୟନ୍ତୀ ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇ ୫୧୬ କୋଟି ଟଙ୍କାର ୩୨ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଖୋର୍ଦ୍ଧା ହେଉଛି ବୀର ସୌର୍ଯ୍ୟ ଓ ସ୍ୱାଧୀନତାର ମୁଳଦୁଆ ମାଟି । ଖୋର୍ଦ୍ଧାର ପାଇକ ବିଦ୍ରୋହ ସ୍ୱାଧୀନତା ସଂଗ୍ରାମର ପ୍ରଥମ ଆନ୍ଦୋଳନ ଯାହା ଇଂରେଜ ସରକାରଙ୍କ ବିରୋଧରେ ବକ୍ସି ଜଗବନ୍ଧୁ ଓ ଜୟୀ ରାଜଗୁରୁଙ୍କର ବଳିଦାନକୁ ସ୍ମରଣ କରାଇଥାଏ । ଏହି ବୀରତ୍ୱ ପାଇକ ପୁଅଙ୍କ ମଧ୍ୟରେ ଜାଗ୍ରତ କରି ବିକଶିତ ଓଡ଼ିଶା ଗଠନ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ ।

# ରେଳ ଭଡା ବୃଦ୍ଧି

ଯାତ୍ରୀଭଡ଼ାକୁ ସୁଲଭ କରିବା ଏବଂ ପରିଚାଳନାଗତ ସ୍ଥାୟୀତ୍ୱ ମଧ୍ୟରେ ସନ୍ତୁଳନ ରଖିବା ଉଦ୍ଦେଶ୍ୟରେ ଆଜିଠାରୁ ଭାରତୀୟ ରେଳବାଇ ପକ୍ଷରୁ ଯାତ୍ରୀଭଡ଼ାରେ ପରିବର୍ତ୍ତନ କରାଯାଇଛି । ସଂଶୋଧିତ ଯାତ୍ରୀଭଡ଼ା ଅନୁଯାୟୀ ଉପସହରାଞ୍ଚଳ ରେଳ ସେବା ପାଇଁ ଦର ବୃଦ୍ଧି କରାଯାଇ ନାହିଁ । ଉଭୟ ଉପ ସହରାଞ୍ଚଳ ଏବଂ ଅଣ ଉପ ସହରାଞ୍ଚଳ ମାର୍ଗରେ ଋତୁକାଳୀନ ଟିକଟ ଦର ମଧ୍ୟ ଅପରିବର୍ତ୍ତିତ ରହିଛି । ଦ୍ୱିତୀୟ ଶ୍ରେଣୀ ସାଧାରଣ ବର୍ଗର ୨୧୫ କିଲୋମିଟର ପର୍ଯ୍ୟନ୍ତ ଯାତ୍ରା ପାଇଁଭଡ଼ା ବୃଦ୍ଧି ପାଇନାହିଁ । ୨୧୬ କିଲୋମିଟରରୁ ୭୫୦ କିଲୋମିଟର ପାଇଁ ଭଡ଼ାରେ ୫ ଟଙ୍କା, ୭୫୧ରୁ ୧୨୫୦ କିଲୋମିଟର ପାଇଁ ୧୦ଟଙ୍କା, ୧୨୫୧ରୁ ୧୭୫୦ କିଲୋମିଟର ପାଇଁ ୧୫ ଟଙ୍କା ଏବଂ ୧୭୫୧ରୁ ୨୨୫୦ କିଲୋମିଟର ଦୂରତା ପାଇଁ ୨୦ଟଙ୍କା ବୃଦ୍ଧି କରାଯାଇଛି । ନୂଆଦର ଲାଗୁ ହେବା ତାରିଖ ପରେ ଯାତ୍ରା କଲେ ମଧ୍ୟ ପୂର୍ବରୁ ହୋଇଥିବା ଟିକଟ ପାଇଁ କୌଣସି ଅତିରିକ୍ତ ଶୁଳ୍କ ଲାଗୁ ହେବ ନାହିଁ ।

# ଓଡ଼ିଶୀ ନୃତ୍ୟ ମହୋତ୍ସବ

ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଓ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପକ୍ଷରୁ ଆଜିଠାରୁ ଭୁବନେଶ୍ୱରଠାରେ ଆନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ମହୋତ୍ସବ ଅନୁଷ୍ଠିତ ହେବ । ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଏହି ମହୋତ୍ସବ ସକାଳ ୧୦ଟା ସମୟରୁ ରାତି ୯ଟା ପର୍ଯ୍ୟନ୍ତ ଚାଲିବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି । ମୁଖ୍ୟମନ୍ତ୍ରୀ

ମୋହନ ଚରଣ ମାଝୀ ଓଡ଼ିଶୀ ନୃତ୍ୟ ମହୋତ୍ସବକୁ ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି ।

# ରାଜ୍ୟସ୍ତରୀୟ ଜାମ୍ବୋରେଟ୍

ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ସ ଏବଂ ଗାଇଡ୍ ସଂସ୍ଥା ଆନୁକୂଲ୍ୟରେ ଖୋର୍ଦ୍ଧାଠାରେ ଚାଲିଥିବା ରାଜ୍ୟସ୍ତରୀୟ ଜାମ୍ବୋରେଟ୍ ଏବଂ ସ୍ୱତନ୍ତ୍ର ଟ୍ରାଇବାଲ ଜାମ୍ବୋରେଟ୍ ଗତକାଲି ଉଦ୍‌ଯାପିତ ହୋଇଯାଇଛି । ରାଜ୍ୟ ମୁଖ୍ୟ କମିଶନର ଡକ୍ଟର କାଳୀପ୍ରସାଦ ମିଶ୍ର ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ ଶ୍ରେଷ୍ଠ ବିବେଚିତ ସ୍କାଉଟ୍ସ ଓ ଗାଇଡ୍‌ମାନଙ୍କୁ ସମ୍ବୋଧିତ କରିଥିଲେ ।

# ମଠଖାଇ ମହୋତ୍ସବ

ବଲାଙ୍ଗିର କୋଶଳ କଳାମଣ୍ଡଳଠାରେ ଚାଲିଥିବା ସର୍ବଭାରତୀୟ ମଠଖାଇ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି । ଏହି ଅବସରରେ ବହୁଭାଷୀ ସର୍ବଭାରତୀୟ ନାଟକ ମହୋତ୍ସବ ଆରମ୍ଭ ହୋଇଛି । ମହୋତ୍ସବ କମିଟି ଅଧ୍ୟକ୍ଷ ନରସିଂହ ମିଶ୍ର ଯୋଗଦେଇ ଜୀବନ ଓ ନାଟକ ସମ୍ପର୍କରେ ଆଲୋଚନା କରିଥିଲେ ।

# ପାଣିପାଗ

ରାଜ୍ୟକୁ ଥଣ୍ଡା ଓ ଶୁଷ୍କ ବାୟୁ ପ୍ରବେଶ କରୁଥିବାରୁ ରାତି ତାପମାତ୍ରା ହ୍ରାସ ପାଉଛି । ପାଣିପାଗ ବିଭାଗର ସୂଚନା ଅନୁସାରେ, ଥଣ୍ଡା ବାୟୁର ପ୍ରଭାବଯୋଗୁଁ ଆସନ୍ତା ଗୁରୁବାର ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ଅଞ୍ଚଳରେ

ଶୀତର ପ୍ରଭାବ ରହିବ । ଅନ୍ୟପକ୍ଷରେ ଶୁକ୍ରବାର ଆଡକୁ ଦକ୍ଷିଣ ବଙ୍ଗୋପ ସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି ପାଣିପାଗ ବିଶେଷଜ୍ଞମାନେ ଅନୁମାନ କରିଛନ୍ତି ।